# ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଭଞ୍ଜଙ୍କ ସହ ଏକ ଅନ୍ତରଙ୍ଗ ଆଳାପ

ସାକ୍ଷାତ କରିଥିଲେ 'ଆମରିସତ୍ୟ' ସହଯୋଗୀ ସଂପାଦକ **ସତ୍ୟବାଦୀ ବଳିଆର ସିଂହ**

*(ଓଡ଼ିଶା ସାହିତ୍ୟ ଜଗତରେ ରମେଶ ଚନ୍ଦ୍ର ଭଂଜ ଏକ ସୁପରିଚିତ ନାମ। ପିଲାଙ୍କ ପାଇଁ ମନଛୁଆଁ କାହାଣୀ ଓ ଭାବୋଦ୍ଦୀପକ ଲାଳିତ୍ୟପୂର୍ଣ୍ଣ କବିତା ରଚନାରେ ସେ ସିଦ୍ଧହସ୍ତ। ଏକଦା ସପ୍ତମ ଶ୍ରେଣୀ ସାହିତ୍ୟରେ ତାଙ୍କ ରଚିତ ଜୟୀ ରାଜଗୁରୁ କବିତା ବେଶ୍ ଆଦୃତ ହୋଇଥିଲା। ୧୯୪୧ ମସିହା ଏପ୍ରିଲ ୧୭ ତାରିଖରେ ଖୋର୍ଦ୍ଧା ନିକଟବର୍ତ୍ତୀ ଗଡ଼ ହଳଦିଆ ଗ୍ରାମରେ ତାଙ୍କର ଜନ୍ମ। ଏହି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ପ୍ରାଚୀନ କବି ରାଜା ଶ୍ୟାମସୁନ୍ଦର ଭଂଜଦେଓ ଓ ମଧୁବାବୁଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ସଂପାଦକ ଥିବା ଅଭିରାମ ଭଂଜଙ୍କ ଭଳି କବି ରମେଶ ଚନ୍ଦ୍ର ଭଂଜ ଗ୍ରାମ ପାଇଁ ତଥା ରାଜ୍ୟପାଇଁ ଯଶଖ୍ୟାତି ବର୍ଦ୍ଧନ କରିଛନ୍ତି। ଜଣେ ପ୍ରତିଭାଦୀପ୍ତ ତଥା ନୀତିନିଷ୍ଠ ଶିକ୍ଷକଭାବେ ସେ ଥିଲେ ବେଶ ଚର୍ଚ୍ଚିତ।୧୯୯୯ ମସିହାରୁ ରାଜ ସୁନାଖଳା ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦରୁ ଅବସର ଗ୍ରହଣପରେ ସମ୍ପ୍ରତି ସେ ଖୋର୍ଦ୍ଧା ସହର ସାମନ୍ତରାପୁର ବୁଢ଼ୀ ବଗିଚାସ୍ଥ ବାସଭବନରେ ଅବସ୍ଥାନ କରୁଛନ୍ତି। ଜଣେ ଶିଶୁ ସାହିତ୍ୟିକ, କବି, କଥାକାର, ପ୍ରାବନ୍ଧିକ,ଶିକ୍ଷାବିତ୍ ତଥା ଭାଷାବିତ୍ ଭାବେ ପରିଚିତ ରମେଶ ଚନ୍ଦ୍ର ଭଂଜଙ୍କୁ ସାକ୍ଷାତ କରିଥିଲେ 'ଆମରିସତ୍ୟ'ର ସହଯୋଗୀ ସଂପାଦକ ସତ୍ୟବାଦୀ ବଳିଆର ସିଂହ। ବପୁବନ୍ତ ବଳିଷ୍ଠ ଚେହେରା ଥିବା ଶ୍ରୀଭଂଜ ଏବେ ଅସୁସ୍ଥ ଓ ଶରୀର କ୍ଷୀଣ। ତଥାପି ବାକ୍‌ପଟୁତା ଥମି ନାହିଁ। ତାଙ୍କ ସହ କଥାବାର୍ତ୍ତା ବେଳେ ସିଏ ଯାହା କୁହନ୍ତି----)*

ଖୋର୍ଦ୍ଧା ସହରଠାରୁ ଉତ୍ତର ଦିଗରେ ୧୩ କି.ମି ଦୂରତାରେ ତାଡ଼କୀ ପାହାଡ଼ ଡେଇଁଲେ ମାଳ ମାଳ ଆମ୍ରବୃକ୍ଷ ଘେରା ଗାଁ ହେଉଛି ଗଡ଼ ହଳଦିଆ। ସେହି ଗ୍ରାମର ଦୀନବନ୍ଧୁ ଭଂଜ ଓ ମାତା ଚନ୍ଦ୍ରାବଳୀ ଦେବୀଙ୍କର ତିନି ପୁତ୍ରଙ୍କ ମଧ୍ୟରୁ ସେ ଥିଲେ ମଧ୍ୟମ। ପୂର୍ବତନ ଗଡ଼ଜାତ ଆଠଗଡ଼ ଟ୍ରେଜେରୀରେ ମାତ୍ର ସାତଟଙ୍କା ଦରମାରେ ବାପା ଚାକିରୀ କରୁଥିଲେ। ସେ ତିନିଟଙ୍କାରେ ନିଜେ ଚଳି ପରିବାର ଚଳିବା ପାଇଁ ଦେଉଥିଲେ ଚାରିଟଙ୍କା। ଏଥିରେ ପରିବାର ଚଳିବା ଓ ପିଲାଙ୍କ ପାଠପଢ଼ିବାରେ ଅଭାବ ହେଉଥିଲା। ସେ ଅଭାବ ଅନଟନ ଭିତରେ ସପ୍ତମ ଶ୍ରେଣୀ ପାସ କରିଗଲେ। ସେ ବାଙ୍କୀରୁ ସପ୍ତମ ଶ୍ରେଣୀ ପାଶପରେ ଖୋର୍ଦ୍ଧା ବି.ଜେ.ବି ହାଇସ୍କୁଲରେ ପଢ଼ିବାକୁ ମନ ବଳାଇଲେ। କିନ୍ତୁ ଏଥିରେ ଅର୍ଥ ବାଧକ ହେଲା। ବାପା ଆଠଗଡ଼ରେ ଚାକିରୀ କରୁଥିବାରୁ ଆଠଗଡ଼ର ବାବୁ ରାଧାନାଥ ରଥ ଯେ'କି ଓଡ଼ିଶାର ଶିକ୍ଷା ଓ ଜଙ୍ଗଲ ମନ୍ତ୍ରୀ ଥିଲେ ତାଙ୍କ ନିକଟରେ ପାଠପଢ଼ା ପାଇଁ ଅର୍ଥ ସାହାଯ୍ୟ ପ୍ରାର୍ଥନା କଲେ। ତାଙ୍କ ଦୟାରୁ ସରକାରୀ ସାହାଯ୍ୟ ମିଳିଲା। ଏଣୁ ଖୋର୍ଦ୍ଧାରେ ୭/୮ ଦିନ ପଢ଼ିବା ପରେ ବାଙ୍କୀ ଫେରିଆସି ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ନାମ ଲେଖାଇଲେ। କୌଣସି ମତେ ମାଟ୍ରିକ ପାଶ୍ ହୋଇଗଲା।

**ପ୍ରଶ୍ନ-ମାଟ୍ରିକ ପାଶ୍ ପରେ କଣ କଲେ ?**

ଉତ୍ତର-ମାଟ୍ରିକ ପାଶପରେ କଟକ ଗଲି। ମୋର ପିଉସୀ ପୁଅ ଭାଇଘରେ ରହିଲି। ଟ୍ୟୁସନ୍ ଆରମ୍ଭ କଲି ଓ ଟାଇପ୍ ଶିଖିଲି। ପରେ ଓ.ଏମ୍.ପିରେ ଚାକିରୀ ମଧ୍ୟ ପାଇଲି। ଚାକିରୀ ଭଲ ନ ଲାଗିବାରୁ ୨/୩ ମାସପରେ ଚାକିରୀ ଛାଡ଼ିଦେଲି। ଏହା ପରେପରେ ସେଟଲ୍‌ମେଣ୍ଟ ବିଭାଗରେ ମୋହରିର ଚାକିରୀ ପାଇଲି, ତାକୁ ବି ଛାଡ଼ିଲି। ଶେଷରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଜ୍ଞାନକୋଷ ପ୍ରସ୍ତୁତି ପାଇଁ ଚାକିରୀଟିଏ ପାଇଗଲି। ସେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ କଟକରେ ଥାଏ। ଏହି ଜ୍ଞାନକୋଷ ବା Encyclopedia ପ୍ରସ୍ତୁତିରେ ନିୟୋଜିତ ଥାନ୍ତି ବହୁ ବିଦ୍ୱାନ। ମୁଁ ଗୁଣ୍ଡୁଚି ମୂଷା ଭଳି ଜ୍ଞାନକୋଷ ପ୍ରସ୍ତୁତିରେ ସାହାଯ୍ୟ କରିବା ସହ କଲେଜରେ ବି ପାଠ ପଢୁଥାଏ। ଏହି ଜ୍ଞାନକୋଷ ପ୍ରସ୍ତୁତ ପାଇଁ ମୁଖ୍ୟ ସଂକଳକ ଥିଲେ ଡ. ମାୟାଧର ମାନସିଂହ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ମଦନ ମୋହନ ମିଶ୍ର, ବସନ୍ତ ଲତା ପଟ୍ଟନାୟକ ଓ ଗୋବର୍ଦ୍ଧନ ମହାନ୍ତି। ସଂପାଦନାରେ ସାହାଯ୍ୟ କରିଥିବାରୁ ମୋ ନାମ ମଧ୍ୟ ସେଥିରେ ସ୍ଥାନିତ ହୋଇଥିଲା। ଏହି ସଂକଳନ ପ୍ରସ୍ତୁତିରେ ରତ୍ନାକର ପତି, ଶରତ ଚନ୍ଦ୍ର ମୁଖାର୍ଜୀ, ହରିହର ମିଶ୍ର, ଗୋପାଳ କାନୁନଗୋ, ବୈକୁଣ୍ଠ ନାଥ ପଟ୍ଟନାୟକ ଓ ଶିଶିର ପାଣିଗ୍ରାହୀ (କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ପୁଅ) ଉପଦେଷ୍ଟା ଭାବେ ଥିଲେ।



**ପ୍ରଶ୍ନ-ଆପଣ ଶିକ୍ଷକତାକୁ ଆସିଲେ କିପରି ?**

ଉତ୍ତର- ମୋ ଜୀବନର ମୋଡ଼ ବଦଳାଇଥିଲେ ଡ଼ ମାୟାଧର ମାନସିଂହ। ତାଙ୍କ ଦୟାରୁ ମୁଁ ଚାକିରୀ କରିବା ସହ ପାଠ ପଢ଼ିବାର ସୁଯୋଗ ପାଇଥିଲି। ମୁଁ ରେଭେନ୍ସା ସାନ୍ଧ୍ୟ ମହାବିଦ୍ୟାଳୟରୁ ସ୍ନାତକ ହୋଇ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟରୁ ବି.ଏଡ଼ ପାଶ କଲି। ପରେ ଘରୋଇଭାବେ ଏମ୍.ଏ ପାଶ କରିଥିଲି। ମୁଁ ବି.ଏଡ଼୍ ଶିକ୍ଷକଭାବେ ପ୍ରଥମେ ଢ଼େଙ୍କାନାଳ ଶିକ୍ଷାସର୍କଲ୍ ଓ

ପରେ ପୁରୀ ଶିକ୍ଷା ସର୍କଲରେ କାର୍ଯ୍ୟ କରିଛି। ହାଇସ୍କୁଲ ଓ ପ୍ରଶିକ୍ଷଣ ବିଦ୍ୟାଳୟରେ ସହକାରୀ ଶିକ୍ଷକ, ନନ୍ ଫର୍ମାଲ୍ କୋଅର୍ଡ଼ିନେଟର, ଇଟାମାଟି ବାମନ ଅବକାଶ ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ଓ ସର୍ବଶେଷରେ ଦ୍ୱିତୀୟ ଶ୍ରେଣୀ ପାହ୍ୟାକୁ ପଦୋନ୍ନତି ପାଇ ରାଜ ସୁନାଖଳା ସରକାରୀ ମାଧମିକ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦରୁ ଅବସର ନେଇଛି।



**ପ୍ରଶ୍ନ-ଶିଶୁ ସାହିତ୍ୟ ପ୍ରତି ଆପଣଙ୍କର ମତାମତ କ'ଣ ?**

ଉତ୍ତର-ଓଡ଼ିଆ ଭାଷାରେ ଶିଶୁ ସାହିତ୍ୟ ରଚନା କ୍ରମଶଃ ଦୁର୍ବଳ ହେଉଛି। ଏଠି ପୁରୁଖା ସାହିତ୍ୟିକମାନେ ଶିଶୁ ସାହିତ୍ୟ ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। ସୁନ୍ଦର ମଲାଟ ଓ ଭଲ କାଗଜରେ ସୁନ୍ଦର ସୁନ୍ଦର ଗପ ଗୀତ ପ୍ରକାଶ ପାଇଲେ ଛୋଟ ପିଲାମାନଙ୍କୁ ତାହା ଆକର୍ଷିତ କରନ୍ତା। ରାଜ୍ୟ ସରକାର ‘CKß _åw’। Orissa Review ମାସିକ ନିୟମିତ ପ୍ରକାଶ କରୁଛନ୍ତି କିଂନ୍ତୁ କେତେ ବର୍ଷଧରି ‘ଶିଶୁଲେଖା’ ପ୍ରକାଶ ପାଇବା ବନ୍ଦ ହୋଇଗଲାଣି। ଜେଜେ ବାପା ଓ ଜେଜେ ମାଆ ମଧ ପିଲାଙ୍କୁ କାହାଣୀ କହୁ ନାହାନ୍ତି। ଇଂରେଜୀ ମାଧମ ବିଦ୍ୟାଳୟ ଗୁଡ଼ିକ ଛତୁ ଫୁଟିଲା ଭଳି ଖୋଲିଯାଇଥିବାରୁ ବାପା ମାଆମାନେ ସେମାନଙ୍କ ପିଲାମାନଙ୍କୁ ସେଠାରେ ପଢ଼ାଉଛନ୍ତି। ଶହ ଶହ ଟଙ୍କା ଦେଇ ହ୍ୟାରିପୋଟର ବହି କିଣୁଛନ୍ତି ପିଲାଙ୍କ ପାଇଁ। ‘ଫାଣ୍ଟମ୍’ ‘ହିମ୍ୟାନ୍’ ‘ ସୁପର୍ ମ୍ୟାନ’ ‘ସ୍ପାଇଡ଼ରମ୍ୟାନ’ କମିକ୍ସ ବହି କିଣିବାକୁ କୁଣ୍ଠା ନାହିଁ କିନ୍ତୁ ଓଡ଼ିଆ କାହାଣୀ ବହି କିଣି ପିଲାଙ୍କୁ ଶୁଣାଇବାକୁ ଇଛା କରନ୍ତି ନାହିଁ। ଓଡ଼ିଆ ସାହିତ୍ୟ ଏକାଡ଼େମୀ ଆଗାମୀ ଦିନରେ ବହୁଳ ଭାବରେ ପିଲାଙ୍କ ମନଛୁଆଁ ଗୀତ ଗପ ବହି ପ୍ରକାଶ କରି ପିଲାମାନଙ୍କୁ ଦେବାପାଇଁ ପ୍ରୟାସ କରିବା ଉଚିତ।

**ପ୍ରଶ୍ନ: ଆପଣଙ୍କର ରଚିତ ପୁସ୍ତକଗୁଡ଼ିକର ନାମ କହିବେ କି ?**

ଉତ୍ତର: ଶିଶୁମାନଙ୍କ ପାଇଁ ଅନେକ ପୁସ୍ତକ ରଚନା କରିଛି। ସେହି ସାହିତ୍ୟକୃତି ମଧ୍ୟରେ କାଠିକୁଟା ପତର (ଏପ୍ରିଲ୧୯୮୦), ଭେରୀ - ତୁରୀ-ମହୁରୀ (ଏପ୍ରିଲ୧୯୮୦), ଗପ ଗଣ୍ଠିଲି (ଜାନୁଆରୀ ୧୯୮୧), କଥା କୋଥଳି (ଡିସେମ୍ବର୧୯୮୧), ମୁଠାଏ ମହକ (ଡିସେମ୍ବର ୧୯୮୨) ବୀରାରାଣୀ ଶୁକଦେଈ (୧୯୮୩), ଥରଟିଏ ମତେ ଚାଖ (୧୯୮୫) କୁମ୍ଭାର (୧୯୮୭), କଥା କହୁଛି ଶୁଣ (୨୦୧୩)ଭୁବନେଶ୍ୱର ପୁସ୍ତକମେଳାରେ ପୁରସ୍କୃତ) ଉପରୋକ୍ତ ପ୍ରକାଶିତ ପୁସ୍ତକ ବ୍ୟତୀତ ପାଞ୍ଚଟି ପାଣ୍ଡୁଲିପି ଓ ଶହ ଶହ ସଂଖ୍ୟାରେ କବିତା ଅପ୍ରକାଶିତ ରହିଅଛି।

**ପ୍ରଶ୍ନ: ଆପଣ ଅନେକ ପତ୍ରପତ୍ରିକା ଓ ଅନୁଷ୍ଠାନ ସହ ସମ୍ପର୍କ ରକ୍ଷା କରି ସେଗୁଡ଼ିକର ଗୁଣାତ୍ମକ ବିକାଶରେ ସାହାଯ୍ୟ କରିଛନ୍ତି। ସେ ଗୁଡ଼ିକର ନାମ କହିବେ କି ?**

ଉତ୍ତର: ମୁଁ ବହୁ ସାହିତ୍ୟ ପତ୍ରପତ୍ରିକା ତଥା ସାହିତ୍ୟ ଅନୁଷ୍ଠାନ ସହ ସଂପୃକ୍ତ ଥିଲି। ଖୋର୍ଦ୍ଧା ସାହିତ୍ୟ ସଂସଦର ଉଭୟ ସଂପାଦକ ଓ ସଭାପତି ଥିଲି। ଖୋର୍ଦ୍ଧାରୁ ପ୍ରକାଶ ପାଉଥିବା ମାସିକ ‘ଖୋଲା ଆକାଶ’ ଶିଶୁ ପତ୍ରିକାର ସଂପାଦକ ମଧ ଥିଲି କିନ୍ତୁ ଦୁଃଖର ବିଷୟ ତାହା ଅଧିକଦିନ ଚାଲି ପାରିନଥିଲା। ଏହା ବ୍ୟତୀତ ବୀରେନ୍ଦ୍ର ସାମନ୍ତରାୟଙ୍କ ସଂପାଦିତ ‘ଟୁଉକୁମୁଣ୍ଡି’ର ସହଯୋଗୀ ସଂପାଦକ, ‘ଜହ୍ନ ରାଇଜ’, ‘ବେଙ୍ଗ ରାଇଜ’, ‘କଙ୍କମୀନା’, ‘ଉଦୁଉଦୁମା’ର ଉପଦେଷ୍ଟା, ରାଷ୍ଟ୍ରଦୀପଦ୍ୱାରା ପ୍ରକାଶିତ ‘କିଶଳୟ’ ବିଭାଗର ମୁଖ୍ୟ ଉପଦେଷ୍ଟା ଓ ଶଙ୍କର୍ଷଣ ପଣ୍ଡାଙ୍କ ସଂପାଦିତ ‘ଚିର ସମର୍ଥା’ ପତ୍ରିକାର ସହଯୋଗୀ ସଂପାଦକ ମଧ ଥିଲି। ଏହା ବ୍ୟତୀତ ପାଠ୍ୟପୁସ୍ତକ ପ୍ରଣୟନ, ପାଠ୍ୟକ୍ରମ ନିର୍ଦ୍ଧାରଣ ସଂସ୍ଥାର ସଭ୍ୟ ଭାବେ ବହୁ ବର୍ଷଧରି କାର୍ଯ୍ୟକରି ଆସିଅଛି। ଆକାଶବାଣୀର ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ, ଚହଟ ଚମ୍ପା ଓ ଶିଶୁ ସଂସାର ଏବଂ ଦୂରଦର୍ଶନର ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛି।

‘ଆମରିସତ୍ୟ’ ପରିବାର ତରଫରୁ ଆପଣଙ୍କୁ ବହୁତ ଧନ୍ୟବାଦ। ଭଗବାନ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ।

**ପୁରସ୍କାର, ସମ୍ମାନ,ସମ୍ବର୍ଦ୍ଧନା**

୧-ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର -୧୯୮୨

୨-ବିଷୁବ ପୁରସ୍କାର (ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ, ୨୦୦୩)

୩-ଓଡ଼ିଶା ଶିଶୁ ସାହିତ୍ୟ ପୁରସ୍କାର (କଳା ବିକାଶ କେନ୍ଦ୍ର,କଟକ)

୪-ଖଦି ଓ ଗ୍ରାମୋଦ୍ୟୋଗ ପୁରସ୍କାର ( ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼, ଭୁବନେଶ୍ୱର)

୫- ହରେକୃଷ୍ଣ ଶିଶୁ ସାହିତ୍ୟ ପୁରସ୍କାର (ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର)

୬-ଜ୍ଞାନଜ୍ୟୋତି ପୁରସ୍କାର (ଖୋରଧା ବିଷୁବ ମିଳନ ସମିତି,୨୦୧୧)

୭-ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର -୨୦୧୪

୮-ସଂସାର ସମ୍ମାନ ( ସଂସାର ପତ୍ରିକା, କଟକ)

୯-ରାମକୃଷ୍ଣ ନନ୍ଦ ସ୍ମାରକୀ ସମ୍ମାନ,କଟକ

୧୦-କୁନ୍ତଳା ସାହୁ ସାହିତ୍ୟ ସମ୍ମାନ,ଭୁବନେଶ୍ୱର

୧୧-କୁନି ରାଇଜ ସାହିତ୍ୟ ସମ୍ମାନ,ଭୁବନେଶ୍ୱର

୧୨-ଓଡ଼ିଆ ସମ୍ମିଳନୀ ସମ୍ମାନ,ଭୁବନେଶ୍ୱର

୧୩-ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ,ପୁରୀ

୧୪- ବୀରେନ୍ଦ୍ର ଭୂୟାଁ ସ୍ମୃତି ସମ୍ମାନ,୧୯୯୭

୧୫- ଝୁମୁକା ସାରସ୍ୱତ ସମ୍ମାନ,୨୦୧୧

୧୬-ଅଙ୍ଗୀକାର ସମ୍ମାନ, ଜଟଣୀ,୨୦୦୪

୧୭- ବାଗ୍ମୟୀ ସମ୍ମାନ( ନାଟୁଆ, ନିମାପଡ଼ା)